# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**27 July – 2026**

**********************************

## ମୁଖ୍ୟ ସମ୍ବାଦ

- ଶ୍ରୀକ୍ଷେତ୍ର ପୁରୀରେ ଆଜି ଅନୁଷ୍ଠିତ ହେଉଛି ଶ୍ରୀଜୀଉମାନଙ୍କ ନିଳାଦ୍ରୀ ବିଜେ ନୀତି
- ଲୋକସଭାରେ ଆଗତ ହେଲା ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ -୨୦୨୬
- ରାଜ୍ୟରେ ଅବପାତ ଜନିତ ବର୍ଷା ସ୍ଥିତି ନେଇ ରାଜସ୍ୱ ମନ୍ତ୍ରୀଙ୍କ ପ୍ରସ୍ତୁତି ସମୀକ୍ଷା

ଏବଂ

- ୨୦୩୦ ସୁଦ୍ଧା ହେପାଟାଇଟସ୍ ମୂଳୋତ୍ପାଟନ ଲାଗି ସରକାର ନେଉଛନ୍ତି ଦୃଢ଼ ପଦକ୍ଷେପ

Puri

# ନୀଳାଦ୍ରିବିଜେ ନୀତି

ଘୋଷଯାତ୍ରାର ଶେଷ ପର୍ଯ୍ୟାୟରେ ଆଷାଢ଼ ଶୁକ୍ଳପକ୍ଷ ତ୍ରୟୋଦଶୀ ତିଥିରେ ଶ୍ରୀଜୀଉମାନଙ୍କର ନୀଳାଦ୍ରି ବିଜେ ନୀତି ଆଜି ଅନୁଷ୍ଠିତ ହେଉଛି। ସକାଳୁ ୩ ରଥରେ ମଙ୍ଗଳ ଆଳତି, ମଇଲମ, ଅବକାଶ ପୂଜା, ଗୋପାଳବଲ୍ଲଭ, ସକାଳଧୂପ, ଦ୍ୱିପ୍ରହର ଧୂପ ଆଦି ଦୈନିକ ନୀତି ସମ୍ପନ୍ନ ହୋଇଛି। ପରେ ସନ୍ଧ୍ୟା ଆଳତୀ ଓ ସନ୍ଧ୍ୟାଧୂପ ନୀତି ଶେଷ କରାଯିବ। ଏହାପରେ ଚାରମାଳ ବନ୍ଧାଯିବା ସହ ବନ୍ଦାବନା ଓ ଡୋର ଲାଗି ଶେଷ ହୋଇ ବିଜେ କାହାଳୀ ବାଜିବ। ପ୍ରଥମେ ମଦନମୋହନ ଓ ରାମକୃଷ୍ଣ ବିଗ୍ରହଙ୍କୁ ଦକ୍ଷିଣ ଘରକୁ ପହଣ୍ଡି ବିଜେ କରାଯିବ । ଏହାପରେ  ଗୋଟି ପହଣ୍ଡିରେ ପ୍ରଥମେ ସୁଦର୍ଶନ, ପରେ ବଳଭଦ୍ର, ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ହୋଇ ରତ୍ନବେଦୀକୁ ବିଜେ କରିବେ।

ଶ୍ରୀମନ୍ଦିରରେ ପ୍ରବେଶ ପୂର୍ବରୁ ମହାପ୍ରଭୁ ମା’ ଲକ୍ଷ୍ମୀଙ୍କୁ ରସଗୋଲା ସହ ପାଟବସ୍ତ୍ର ଦେଇ ମାନଭଞ୍ଜନ କରିବାର ପରମ୍ପରା ରହିଛି।

Desk

# ଏଲଏସ୍-ଆରଏସ୍ ଆଡଜର୍ଣ୍ଣ

ସାର୍ବଜନୀନ ପରୀକ୍ଷା ସଂଶୋଧନ ବିଧେୟକ-୨୦୨୬ ଆଜି ଲୋକସଭାରେ ଆଗତ ହୋଇଛି। ସାର୍ବଜନୀନ ପରୀକ୍ଷା ଅଧିନିୟମ ୨୦୨୪ରେ କେତେକ ସଂଶୋଧନ କରାଯାଇ ଏହି ସଂଶୋଧନ ବିଧେୟକ ସଂସଦର ମଂଜୁରୀ ଲାଗି ଆଗତ କରାଯାଇଛି । ଆଜି ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଲୋକସଭା ସମ୍ମିଳିତ ହେବା ମାତ୍ରେ ସାଧାରଣ ଅଭିଯୋଗ ଏବଂ ପେନସନ ମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ ଏହି ବିଧେୟକ ଆଗତ କରିଥିଲେ । ବିଧେୟକ ଆଗତ ସମୟରେ ବିରୋଧୀ ସଦସ୍ୟମାନେ ନିଟ୍ ଘଟଣାରେ ବିକ୍ଷୋଭରତ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ୍‌ର ପଦକ୍ଷେପ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ । ବାଚସ୍ପତି ଓମ୍ ବିର୍ଲା’ ସଦସ୍ୟମାନଙ୍କୁ ଆଲୋଚନାରେ ଭାଗ ନେଇ ସେମାନଙ୍କ ମୂଲ୍ୟବାନ ମତାମତ ଉପସ୍ଥାପନ ଲାଗି ଆହ୍ୱାନ ଦେଇଥିଲେ ।

ସେ କହିଥିଲେ ଏହା ଦ୍ୱାରା ଦେଶର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା କ୍ଷେତ୍ରରେ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ବାଚସ୍ପତିଙ୍କ ଅନୁରୋଧ ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ହଟ୍ଟଗୋଳ କରିବାରୁ ଗୃହକୁ ଅପରାହ୍ନ ୨ଟା ଏବଂ ପରେ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି।

ରାଜ୍ୟସଭାକୁ ସମାନ ପରିସ୍ଥିତି ଲାଗି ଅପରାହ୍ନ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି । ପ୍ରଥମ ମୁଲତବୀ ପରେ ମଧ୍ୟାହ୍ନ

୧୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ସଦସ୍ୟମାନେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସ୍‌ର ପଦକ୍ଷେପ ନେଇ ହଟ୍ଟଗୋଳ କରିଥିଲେ । ଏହା ଜାରି ରହିବାରୁ ରାଜ୍ୟସଭାକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏବଂ ପରେ ୩ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି ।

BBSR/R

## ସମୀକ୍ଷା ବୈଠକ

ରାଜ୍ୟରେ ଅବପାତ ଜନିତ ବର୍ଷା ସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ଭୁବନେଶ୍ୱର ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରଭାବିତ ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଆଲୋଚନା କରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ସମ୍ଭାବ୍ୟ ବୃଷ୍ଟିପାତକୁ ଦୃଷ୍ଟିରେ ରଖି ସରକାର ତଥା ଜିଲ୍ଲା ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛନ୍ତି। ଆବଶ୍ୟକସ୍ଥଳେ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ସ୍ଥାନାନ୍ତର କରାଯିବା ସହ ଶୁଖିଲା ରନ୍ଧା ଖାଦ୍ୟ ବଣ୍ଟନ କରାଯିବ। ଅଗ୍ନିଶମ ଏବଂ ଓଡ୍ରାଫ୍ ଦଳକୁ ପ୍ରସ୍ତୁତ କରି ରଖାଯାଇଛି। ଆବଶ୍ୟକ ହେଲେ ସେମାନଙ୍କୁ ବିଭିନ୍ନ ଜାଗାରେ ମୁତୟନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

**- V/O –**

Desk

## ମୁଖ୍ୟମନ୍ତ୍ରୀ– ଜନଶୁଣାଣି

ରାଜ୍ୟବାସୀଙ୍କ ସମସ୍ୟାର ସ୍ଥାୟୀ ପ୍ରତିକାର ସରକାରଙ୍କ ମୁଖ୍ୟ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଆଜି ଭୁବନେଶ୍ୱର ୟୁନିଟ୍-୨୦ରେ ଆୟୋଜିତ ଜନଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଅଭିଯୋଗର ପ୍ରତ୍ୟକ୍ଷ ଭାବେ ଶୁଣାଣି କରି ପ୍ରତ୍ୟେକଟି ଆବେଦନର ତୁରନ୍ତ ଓ ସମୟବଦ୍ଧ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ୧ ହଜାର ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭିନ୍ନ ବିଭାଗର ମନ୍ତ୍ରୀମାନେ ଯୋଗଦେଇ ଅଭିଯୋଗର ଶୁଣାଣି କରି ଏହାର ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନେଉଛନ୍ତି।

ରାଜ୍ୟର ବିଭିନ୍ନ ସ୍ଥାନରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ପଞ୍ଚାୟତ ସମ୍ମିଳନୀ କକ୍ଷରେ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

Desk

## କାଲାମ ଶ୍ରାଦ୍ଧବାର୍ଷିକୀ

ପୂର୍ବତନ ରାଷ୍ଟ୍ରପତି ତଥା ପ୍ରଖ୍ୟାତ ବୈଜ୍ଞାନିକ ଭାରତରତ୍ନ ଡକ୍ଟର ଏ.ପି.ଜେ ଅବଦୁଲ କଲାମଙ୍କ ଆଜି ଏକାଦଶ ପୁଣ୍ୟତିଥି। ଏହି ଅବସରରେ ସମଗ୍ର ଦେଶ ତାଙ୍କ ସ୍ମୃତିପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି । ଭାରତର ମହାକାଶ ଏବଂ କ୍ଷେପଣାସ୍ତ୍ର ବିକାଶ କ୍ଷେତ୍ରରେ ଡକ୍ଟର କଲାମ

ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ଡକ୍ଟର କଲାମଙ୍କୁ ମଧ୍ୟ ଭାରତର ମିଜାଇଲ ମ୍ୟାନ୍ ବା କ୍ଷେପଣାସ୍ତ୍ରର ଜନକ ବୋଲି କୁହାଯାଏ । ୨୦୧୫ ମସିହା ଆଜିର ଦିବସରେ ସେ ଇହଲୀଳା ସମ୍ବରଣ କରିଥିଲେ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି’ ଡକ୍ଟର କାଲାମଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ତାଙ୍କ ରାଷ୍ଟ୍ର ସେବା, ବିଜ୍ଞାନ, ନବସୃଜନ ଓ ଆତ୍ମନିର୍ଭର ଭାରତ ଗଠନ ପ୍ରତି ତାଙ୍କର ଦୂରଦର୍ଶୀ ନେତୃତ୍ୱ ସଦାସର୍ବଦା ଆମ ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି କହିଛନ୍ତି।

ଭାରତ ରତ୍ନ ଡକ୍ଟର କଲାମଙ୍କ ସ୍ମୃତିଚାରଣ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଦେଶର ପ୍ରତିରକ୍ଷା ଓ ମହାକାଶ ବିଜ୍ଞାନ କ୍ଷେତ୍ରକୁ ତାଙ୍କର ଅତୁଳନୀୟ ଅବଦାନ ଦେଶବାସୀଙ୍କ ପାଇଁ ଗୌରବର ବିଷୟ।

Desk

# ହେପାଟାଇଟ୍ସ-୨୦୩୦

୨୦୩୦ ମସିହା ସୁଦ୍ଧା ହେପାଟାଇଟ୍ସର ମୂଳୋତ୍ପାଟନ ଲାଗି ବ୍ୟବସ୍ଥାଗତ ପ୍ରକ୍ରିୟା ଦୃଢ଼ କରିବା ପାଇଁ ଭାରତ ପଦକ୍ଷେପ ନେଉଛି । ଜାତୀୟ ଭାଇରାଲ୍ ହେପାଟାଇଟ୍ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ଏ କ୍ଷେତ୍ରରେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଉଥିବା କୁହାଯାଇଛି । ବିଭିନ୍ନ ଜାତୀୟ ସ୍ତରୀୟ ସ୍ୱାସ୍ଥ୍ୟ ପଦକ୍ଷେପ ଗ୍ରହଣ ପୂର୍ବକ ଜନସାଧାରଣଙ୍କୁ ହେପାଟାଇଟ୍ସ ସଂକ୍ରମଣ ଚିହ୍ନଟକରିବା ଏବଂ ଏହାର ନିରାକରଣ ପାଇଁ

ମଧ୍ୟ ବ୍ୟବସ୍ଥା କରାଯାଇଛି । ହେପାଟାଇଟ୍‌ସ ହେଉଛି ଯକୃତରେ ସୃଷ୍ଟି ହେଉଥିବା ଏକ ରୋଗ । ଏ,ବି, ସି, ଡି ଏବଂ ଇ ଏଭଳି ୫ ପ୍ରକାରର ହେପାଟାଇଟ୍‌ସ ଭାଇରସ୍ ଥିବା ବେଳେ ବିଶେଷଭାବେ ହେପାଟାଇଟ୍‌ସ ବି ଏବଂ ସି ମୁଖ୍ୟତଃ ଯକୃତରେ ରୋଗ ସୃଷ୍ଟି କରିଥାଏ । ୨୦୧୮ମସିହାରେ ରେ ସରକାର ନ୍ୟାଶନାଲ୍ ଭାଇରାଲ୍ ହେପାଟାଇଟ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଆରମ୍ଭ କରିଥିଲେ, ଯେଉଁଥିରେ ଜାତିସଂଘ ସମାବେଶୀ ବିକାଶ ଲକ୍ଷ୍ୟ ଅନୁଯାୟୀ ରୋଗ ନିରୂପଣ ଏବଂ ନିରାକରଣ ବ୍ୟବସ୍ଥା କରାଯାଇଛି ।

HS

# ପୂର୍ବତନ ମନ୍ତ୍ରୀଙ୍କ ପରଲୋକ

ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ସୁଶାନ୍ତ ସିଂହଙ୍କର ଆଜି ୫୩ ବର୍ଷ ବୟସରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ସେ ଭଟଲି ବିଧାନସଭା ଆସନରୁ ତିନିଥର ନିର୍ବାଚିତ ହୋଇଥିଲେ। ସେ ମଧ୍ଯ ଶ୍ରମ ଓ ଗ୍ରାମୀଣ ବିକାଶ ମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

ତାଙ୍କ ପରଲୋକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକପ୍ରକାଶ କରିଛନ୍ତି। ସେ ଅମରଆତ୍ମାର ସଦ୍‌ଗତି କାମନା କରିବା ସହ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ବାଚସ୍ପତି ସୁରମା ପାଢ଼ି ତାଙ୍କ ପରଲୋକରେ ଦୁଃଖ ପ୍ରକାଶ କରି ରାଜ୍ୟବାସୀଙ୍କ ପାଇଁ ଏହା ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ’ ସୁଶାନ୍ତ ସିଂହଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ବିଧାନସଭା ପରିସରରେ ପୂର୍ବତନ ମନ୍ତ୍ରୀ ସୁଶାନ୍ତ ସିଂହଙ୍କୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି । ସେଠାରେ ମନ୍ତ୍ରୀ ଓ ବିଧାୟକମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

ଆଜି ଜନ୍ମମାଟି ବରଗଡ଼ ଭଟଲିରେ ସ୍ୱର୍ଗତଃ ସିଂହଙ୍କ ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ସୂଚନା ମିଳିଛି ।

Desk

## ରସଗୋଲା ଦିବସ

ଭାରତୀୟ ଧର୍ମ, ସଂସ୍କୃତି ଓ ପରାମ୍ପରା ସହିତ ରସଗୋଲାର ବିଶେଷ ମହତ୍ତ୍ୱ ରହିଛି । ଓଡ଼ିଶାର ମିଷ୍ଟାନ୍ନଗୁଡ଼ିକ ମଧ୍ୟରେ ରସଗୋଲା ଗୁରୁତ୍ୱ ବହନ କରିଥାଏ । ରସଗୋଲାର ପରମ୍ପରା ବହୁ ପ୍ରାଚୀନ କାଳରୁ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଏବଂ ରଥଯାତ୍ରା ସହ ଜଡିତ ହୋଇଥିବାରୁ ପ୍ରତିବର୍ଷ ଆଜିର ଦିନରେ ରସଗୋଲା ଦିବସ ପାଳନ କରାଯାଉଛି । ରଥଯାତ୍ରାର ଶେଷପର୍ଯ୍ୟାୟରେ ନୀଳାଦ୍ରି ବିଜେ ସମୟରେ ବଡ଼ଦେଉଳରେ ମହାପ୍ରଭୁ ଶ୍ରୀଜଗନ୍ନାଥ ମା’ ଲକ୍ଷ୍ମୀଙ୍କର ମାନଭଞ୍ଜନ ପାଇଁ ରସଗୋଲା ଖୁଆଇବାର ୬ ଶହ ବର୍ଷ ପୁରୁଣା ପରମ୍ପରା ରହିଛି । ଆଜି ଗୋଟିଏ ଦିନ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରସଗୋଲା ଲାଗି କରାଯାଇଥାଏ । ୨୦୧୫ ମସିହା ଜୁଲାଇ ମାସ ୩୦ ତାରିଖରୁ ରସଗୋଲା ଦିବସ ପ୍ରଥମେ ଆରମ୍ଭ ହୋଇଥିଲା ଏବଂ ୨୦୧୯ ମସିହା

ଜୁଲାଇ ମାସ ୨୯ ତାରିଖରେ ଓଡ଼ିଶାର ରସଗୋଲାକୁ **ଜିଆଇ** ମାନ୍ୟତା ମିଳିଥିଲା।

HS

## ସି.ଆର୍.ପି.ଏଫ୍. ପ୍ରତିଷ୍ଠା ଦିବସ

ଦେଶର ସୁରକ୍ଷା ଓ ଅଖଣ୍ଡତା ରକ୍ଷାରେ କେନ୍ଦ୍ରୀୟ ରିଜର୍ଭ ପୁଲିସ ବଳ ସି.ଆର୍.ପି.ଏଫ୍ ସାହସ, ଶୃଙ୍ଖଳା ଏବଂ ନିଃସ୍ୱାର୍ଥ ସେବାର ସର୍ବୋଚ୍ଚ ପରମ୍ପରାକୁ ସର୍ବଦା ବଜାୟୀ ରଖି ଆସିଛି। ସେମାନଙ୍କର ଅଟଳ ସମର୍ପଣ, ତ୍ୟାଗ ଏବଂ କର୍ତ୍ତବ୍ୟନିଷ୍ଠା ସମଗ୍ର ଦେଶ ପାଇଁ ନିରନ୍ତର ପ୍ରେରଣାର ଉତ୍ସ। ଆଜି ସି.ଆର୍.ପି.ଏଫ୍. ସ୍ଥାପନା ଦିବସ ଅବସରରେ ରାଜ୍ୟପାଳ ସମସ୍ତ କର୍ମଚାରୀ, ପୂର୍ବତନ ଯବାନ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଅବସରରେ କହିଛନ୍ତି, ସି.ଆର୍.ପି.ଏଫ୍. ଦେଶର ଆଭ୍ୟନ୍ତରୀଣ ସୁରକ୍ଷାର ଏକ ଦୃଢ଼ ସ୍ତମ୍ଭଭାବେ ସାହସ, ସମର୍ପଣ ଓ ତ୍ୟାଗର ଭାବନା ସହ ଦେଶ ସେବା କରିଆସୁଛି।

Desk

## ଇଭି ଚାର୍ଜିଂ ଷ୍ଟେସନ୍

ରାଜ୍ୟର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନମାନଙ୍କରେ ୫୦୦ ଇଭି ଚାର୍ଜିଂ ଷ୍ଟେସନ୍ କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସଡ଼କ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ରାଜ୍ୟ ଓ ଜାତୀୟ ରାଜପଥ କଡ଼ରେ ଏହି ଚାର୍ଜିଂ ଷ୍ଟେସନ୍ ସ୍ଥାପନ କରାଯିବ। ପିଏମ୍ ଇ-ଡ୍ରାଇଭ୍

ଯୋଜନା ମାଧ୍ୟରେ କେନ୍ଦ୍ର ସରକାର ରାଜ୍ୟକୁ ପ୍ରୋତ୍ସାହନ ପ୍ରଦାନ କରୁଛନ୍ତି। ବର୍ତ୍ତମାନ ରାଜ୍ୟରେ ୧୦୦ଟି ଇଭି ଚାର୍ଜିଂ ଷ୍ଟେସନ୍ କାର୍ଯ୍ୟକାରୀ ହେଉଛି ବୋଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ତି।

Desk

## ଉଚ୍ଚମାଧ୍ୟମିକ ବିଦ୍ୟାଳୟକୁ ଉନ୍ନୀତ

ରାଜ୍ୟର ୨୦ଟି ଜିଲ୍ଲାର ୭୧ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରାଯିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଏଥିପାଇଁ କେନ୍ଦ୍ର ସରକାର ଚଳିତ ଆର୍ଥିକ ବର୍ଷ ପାଇଁ ୧୪୦ କୋଟି ୭୩ ଲକ୍ଷ ୮୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ୬୦ଟି ବିଦ୍ୟାଳୟରେ କଳା ଓ ୧୧ଟି ବିଦ୍ୟାଳୟରେ ବିଜ୍ଞାନ ବିଭାଗ ଆରମ୍ଭ ହେବ। ଗଞ୍ଜାମ ଜିଲ୍ଲାରେ ସର୍ବାଧିକ ୧୨ଟି ମାଧ୍ୟମିକ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଉନ୍ନୀତ କରାଯିବ।

Nabarangpur

## କଳା ଉତ୍ସବ

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନର କୋରାପୁଟ କ୍ଲଷ୍ଟର ପକ୍ଷରୁ ନବରଙ୍ଗପୁରଠାରେ ଥିବା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟରେ 'ଏକ ଭାରତ, ଶ୍ରେଷ୍ଠ ଭାରତ' ଓ କଳା ଉତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୮ଟି କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଯୋଗଦେଇ ସାଂସ୍କୃତିକ ପରିବେଷଣ ମାଧ୍ୟମରେ ଭାରତର ବିବିଧତା ମଧ୍ୟରେ ଏକତାର ବାର୍ତ୍ତା ପ୍ରଦାନ କରିଥିଲେ।

BHK

## ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ ଜିଲ୍ଲା ଚାନ୍ଦବାଲି ଉପକଣ୍ଠ ପାଞ୍ଚପଡ଼ା ଶିବଦୁର୍ଗା ସରକାରୀ ହାଇସ୍କୁଲ ପରିସରରେ ପରିବେଶ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ପରିବେଶବିତ୍ ତଥା ସାହିତ୍ୟିକ ପ୍ରଫୁଲ୍ଲ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଜଳ ସଂରକ୍ଷଣ, ବ୍ୟାପକ ଚାରାରୋପଣ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ।

Desk

## ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ଲଘୁଚାପ ଘନୀଭୂତ ହୋଇ ଅବପାତ ରୂପ ନେଇଛି । ଏହା ଆହୁରି ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ସେହିଭଳି ୨୭ଟି ଜିଲ୍ଲାରେ ବିଜୁଳି ଓ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି ।